# ଅନୁଗୋଳ ଜିଲ୍ଲା ପ୍ରଶାସନ ଦ୍ୱାରା "ଶିଶୁଙ୍କ ପାଇଁ ଦିନଟିଏ" ଓ ଜିଲ୍ଲା ଟାସ୍କ ଫୋର୍ସ ବୈଠକ

ଆଜି ପୂର୍ବାହ୍ନରେ ଅନୁଗୋଳ ଜିଲ୍ଲା ପ୍ରଶାସନ ଦ୍ୱାରା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଶିଶୁଙ୍କ ପାଇଁ ଦିନଟିଏ ଓ ଜିଲ୍ଲା ଟାସ୍କ ଫୋର୍ସ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପ୍ରଶାସନ ଦ୍ୱାରା ଗତ ତିନି ମାସ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରକାର ଶିଶୁ ସୁରକ୍ଷା କାର୍ଯ୍ୟକ୍ରମର ପ୍ରଗତି ବିଷୟରେ ଆଲୋଚନା ହୋଇଥିଲା । ଜିଲ୍ଲାରେ ଶିଶୁମାନଙ୍କୁ ପ୍ରଦାନ କରାଯାଉଥିବା ଆନୁଷ୍ଠାନିକ ଓ ଅଣଆନୁଷ୍ଠାନିକ ସେବା ଓ ଯତ୍ନ, ସହାୟତା, ପୋଷ୍ୟ ସନ୍ତାନ ଗ୍ରହଣ, ବିଜୁ ଶିଶୁ ସୁରକ୍ଷା ଯୋଜନା, ବେଟୀ ବଚାଓ ବେଟୀ ପଢାଓ, ନିଶା ନିବାରଣ, ଶିଶୁ ଶ୍ରମିକ ନିବାରଣ ପ୍ରଭୃତି କାର୍ଯ୍ୟକ୍ରମ ଗୁଡିକ ଉପରେ ଆଲୋଚନା କରି ବିଭିନ୍ନ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଏହି ବୈଠକରେ 'ଆକ୍ସନ ଏଡ'ର ଜିଲ୍ଲା ସଂଯୋଜକ ସନ୍ତୋଷ କୁମାର ବେହେରା ଜିଲ୍ଲାରେ କିଶୋରୀ ସଶକ୍ତିକରଣ ଓ ବାଲ୍ୟ ବିବାହ ନିରାକାରଣ କାର୍ଯ୍ୟକ୍ରମର ସ୍ଥିତି ଉପସ୍ଥାପନ କରି ବାଲ୍ୟବିବାହ ନିରାକରଣ ଓ ଶିଶୁ ସୁରକ୍ଷାକୁ ସୁନିଶ୍ଚିତ କରାଇବା କ୍ଷେତ୍ରରେ କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଉପରେ ଆଲୋକପାତ କରିଥିଲେ । ଏଥିସହିତ କିଶୋରୀ ସଶକ୍ତିକରଣ ଓ ବାଲ୍ୟ ବିବାହ ନିରାକାରଣ କ୍ଷେତ୍ରରେ ଦେଖାଯାଉଥିବା ବିଭିନ୍ନ ସମସ୍ୟା ଓ ଆଗାମୀ ୩ ମାସ ପାଇଁ ହାତକୁ ନେଇଥିବା କାର୍ଯ୍ୟଯୋଜନା ପ୍ରଭୃତି ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଜିଲ୍ଲାରେ ଶିଶୁ ସୁରକ୍ଷା, କିଶୋରୀ ସଶକ୍ତି କରଣ ତଥା ବାଲ୍ୟ ବିବାହ ବନ୍ଦ କରିବା କାର୍ଯ୍ୟକ୍ରମକୁ ଏକ ଅଭିଯାନ ଭିତ୍ତିରେ ଆଗକୁ ଆଗେଇ ନେବାପାଇଁ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ନିଆଗଲା ଓ ଏହି ଅଭିଯାନର ନାମ **"ମୋ ଗାଁ ରେବତୀ"** ରଖାଗଲା । ଏହାପରେ ସଖୀ - ୱାନ ଷ୍ଟପ ସେଣ୍ଟରର କେନ୍ଦ୍ରର ପରିଚାଳିକା ସୁଦୀପ୍ତା ବେହେରା ସମସ୍ତ ବୟସ ବର୍ଗର ନିର୍ଯାତିତା ମହିଳାମାନଙ୍କୁ ୱାନ ଷ୍ଟପ ସେଣ୍ଟରରେ ପ୍ରଦାନ କରାଯାଇଥିବା ବିଭିନ୍ନ ସେବାଗୁଡିକ ବିଷୟରେ ବିସ୍ତୃତ ଭାବେ ଉପସ୍ଥାପନ କରିଥିଲେ । ଏହି କେନ୍ଦ୍ରର ପରିଚାଳନାରେ ଦେଖାଯାଉଥିବା ବିଭିନ୍ନ ସମସ୍ୟାଗୁଡିକ ଉପରେ ଆଲୋଚନା କରାଯାଇ ଗଠନମୂଳକ ନିଷ୍ପତ୍ତିମାନ ଗ୍ରହଣ କରାଯାଇଥିଲା । ଜିଲ୍ଲାରେ ମହିଳା ଓ ଶିଶୁସୁରକ୍ଷା ତଥା ବାଲ୍ୟ ବିବାହ ନିଷେଧ କରିବା ପାଇଁ ସଚେତନତା କାର୍ଯକ୍ରମକୁ ଅଧିକ ମାତ୍ରାରେ ପ୍ରସାରଣ କରିବାପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଗଲା । ଆଗାମୀ ମାସରେ ଜିଲ୍ଲାରେ ଅନ୍ତର୍ଜାତୀୟ ବାଳିକା ଦିବସ ଅବସରରେ ଲିଙ୍ଗଗତ ଭେଦଭାବ ତଥା କିଶୋରୀ ସଶକ୍ତିକରଣ ପାଇଁ ଜିଲ୍ଲା ସ୍ତରରେ "ଅଦ୍ୱିକା କପ" – ବାଳିକା ଫୁଟବଲ ଟୁର୍ନାମେଣ୍ଟ ଆୟୋଜନ କରାଯିବା ସହିତ ସମସ୍ତ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ ସଚେତନତା କାର୍ଯ୍ୟକ୍ରମ କରି ଶିଶୁ ତଥା କିଶୋରକିଶୋରୀମାନଙ୍କୁ ସଶକ୍ତ କରାଇବା ପାଇଁ ବୈଠକରେ ନିଷ୍ପତ୍ତି ନିଆଗଲା । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଗୌରୀ ଶଙ୍କର ବେହେରା ପରିଚାଳନା କରିଥିଲେ । ଏହି ବୈଠକରେ **ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ହେମନ୍ତ କୁମାର ସିଂହ** , ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ , **ଅବକାରୀ ଅଧିକ୍ଷକ**,ଜିଲ୍ଲା ଶ୍ରମ ଅଧିକାରୀ, ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଓ ସମସ୍ତ ସଭ୍ୟସଭ୍ୟା, ସମ୍ପାଦକ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ସମନ୍ୱିତ ଶିଶୁବିକାଶ ଅଧିକାରୀଙ୍କ ପ୍ରତିନିଧି, ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

**ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।**

ଜ୍ଞାପକ ସଂଖ୍ୟା- ୫୬୧ ତା.୨୯.୦୯.୨୦୨୩

**ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।**

**ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ**

OPPO Reno7 5G
DIPRO ANGL | 2023.09.29 16:44


COURT OF THE COLLECTOR & DISTRICT MAGISTRATE
ANGUL
"A DAY FOR CHILDREN"
SAKHI ONE STOP CENTER


COURT OF THE COLLECTOR & DISTRICT MAGISTRATE
ANGUL
"A DAY FOR CHILDREN"
SAKHI ONE STOP CENTER


COURT OF THE COLLECTOR & DISTRICT MAGISTRATE
ANGUL
"A DAY FOR CHILDREN"
SAKHI ONE STOP CENTER